


## ବିଜ୍ଞାନ ସଂସ୍ଥା ସ୍ଥାପନ ଦାବିରେ ଲୋକସଭାରେ ସାଂସଦଙ୍କ ହଟ୍ଟଗୋଳ

ଓଡ଼ିଶା ଡଟ୍ କମ୍ ସମ୍ବାଦଦାତା

ନୂଆଦିଲ୍ଲୀ, ନଭେମ୍ବର ୩୦(ଓଡ଼ିଶା ଡଟ୍ କମ୍) ଓଡ଼ିଶାରେ ପ୍ରସ୍ତାବିତ ବିଜ୍ଞାନ ସଂସ୍ଥା ସ୍ଥାପନ ଦାବି କରି ବୁଧବାର ରାଜ୍ୟ ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟି ସାଂସଦମାନେ ଲୋକସଭା ଅଧିବେଶନରେ ହଟ୍ଟଗୋଳ କରିଛନ୍ତି ।

୨୦୦୩ ମସିହାରେ ବିଜେପି ନେତୃତ୍ୱରେ ତତ୍କାଳୀନ କେନ୍ଦ୍ର ସରକାର ଓଡ଼ିଶାରେ ଜାତୀୟ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବର୍ତ୍ତମାନର ଉପା ସରକାର ଉଦ୍ଦେଶ୍ୟମୂଳକଭାବେ ଉକ୍ତ ସଂସ୍ଥାକୁ କୋଲକାତାକୁ ସ୍ଥାନାନ୍ତର କରି ରାଜ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ବୋଲି ଶୂନ୍ୟକାଳରେ ବିଜେଡ଼ି ନେତା ବ୍ରଜ କିଶୋର ତ୍ରିପାଠୀ ଅଭିଯୋଗ କରିଥିଲେ ।

ବିଜ୍ଞାନ ସଂସ୍ଥା ରାଜ୍ୟରେ ପ୍ରସ୍ତାବିତ ପ୍ରଥମ ଏବଂ ଏକମାତ୍ର ଜାତୀୟ ସ୍ତରର ଅନୁଷ୍ଠାନ । ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଅତୁଳନୀୟ ଅବଦାନ ରହିଥିଲେ ମଧ୍ୟ ସ୍ୱାଧୀନତା ପରଠାରୁ କଂଗ୍ରେସ ସରକାର ରାଜ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି ବୋଲି ସେ ଗୃହରେ ଅଭିଯୋଗ କରିଥିଲେ ।

‘‘ଆମେ ଓଡ଼ିଶାର ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଚାହୁଁନୁ । କୋଲକାତାରେ ପ୍ରତିଷ୍ଠା ହେବାକୁ ଥିବା ‘ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଫର୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ’, ଭୁବନେଶ୍ୱରରେ ପ୍ରତିଷ୍ଠା ହେବା ପାଇଁ ମଞ୍ଜୁରୀ ପାଇଥିବା ଅନୁଷ୍ଠାନ ନୁହେଁ’’ ପଶ୍ଚିମବଙ୍ଗର ସିପିଆଇଏମ୍ ନେତା ବାସୁଦେବ ଆଚାର୍ଯ୍ୟ ଏହି ସମୟରେ କହିଥିଲେ ।

ଅସନ୍ତୁଷ୍ଟ ସାଂସଦମାନଙ୍କୁ ଅନୁଷ୍ଠାନର ବର୍ତ୍ତମାନ ପରିସ୍ଥିତି ବିଷୟରେ ଜଣାଇବା ପାଇଁ ଗୃହର ନେତା ପ୍ରଣବ ମୁଖାର୍ଜୀ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ସାଂସଦମାନେ ଏହି ପ୍ରଶ୍ନ ଉଠାଇବେ ବୋଲି ସେ ପୂର୍ବରୁ ଅବଗତ ନ ଥିଲେ ।

ବାଚସ୍ପତିଙ୍କ ଆସନ ନିକଟକୁ ଯାଇ ସାଂସଦମାନେ ପ୍ରାୟ ୨୦ ମିନିଟ୍ ଧରି ପାଟିତୁଣ୍ଡ କରିବାରୁ ବାଚସ୍ପତି ଗୃହ କାର୍ଯ୍ୟକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ବାଧ୍ୟ ହୋଇଥିଲେ ।

ସୂଚନାଯୋଗ୍ୟ ଯେ, ୨୦୦୩ ଡ଼ିସେମ୍ବରରେ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଭାରତୀୟ ବିଜ୍ଞାନ ସଂସ୍ଥାନ ଦେଶର ଚାରୋଟି ସହର ଯଥା ପୁନେ ,ଭୁବନେଶ୍ୱର,ଆହ୍ଲାବାଦ ଓ ଚେନ୍ନାଇରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ ।

ତେବେ, କୋଲକାତା ଏବଂ ପୁନେରେ ‘ଇଣ୍ଡିଆନ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଫର୍ ଏଜୁକେସନଆଣ୍ଡ ରିସର୍ଚ୍ଚ’ ପ୍ରତିଷ୍ଠା ହେବ ବୋଲି ଗତ ସେପ୍ଟେମ୍ବର ୨୮ ତାରିଖରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି ।

ତେଣୁ ଜାତୀୟ ବିଜ୍ଞାନ ସଂସ୍ଥାର ନାମ ବଦଳାଇ ଏହି ଅନୁଷ୍ଠାନକୁ କୋଲକାତାକୁ ସ୍ଥାନାନ୍ତର କରାଯାଇଛି ବୋଲି ଅଭିଯୋଗ କରି ‘ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦ’ର ସଭାପତି ପ୍ରଶାନ୍ତ କୁମାର ଦାଶ ଏ ସଂକ୍ରାନ୍ତରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ ।

ଉକ୍ତ ମାମଲାର ବିଚାର କରି ହାଇକୋର୍ଟ ଗତ ୮ ତାରିଖରେ ବିଜ୍ଞାନ ପ୍ରତିଷ୍ଠାନକୁ ଭୁବନେଶ୍ୱରରୁ ପୂର୍ବାଞ୍ଚଳର ଅନ୍ୟ କୌଣସି ସ୍ଥାନକୁ ସ୍ଥାନାନ୍ତର ଉପରେ ରହିତାଦେଶ ଜାରୀ କରି ଏ ସଂପର୍କରେ ଜବାବ ଦାଖଲ ପାଇଁ ଉଭୟ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ନୋଟିସ ଜାରୀ କରିଥିଲେ।

କୋର୍ଟର ଆଦେଶ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ବିଭାଗ କିଛି ଦିନ ତଳେ ନିଜର ଜବାବ ଦାଖଲ କରି ରହିତାଦେଶ ପ୍ରତ୍ୟାହାର କରିବା ପାଇଁ କୋର୍ଟକୁ ନିବେଦନ କରିଥିଲେ।

ସଂପୃକ୍ତ ବିଭାଗର ଅନୁଶାସନ ସଚିବ ପ୍ରେମ କୁମାର ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ପ୍ରଧାନ ମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା କମିଟିର ସୁପାରିଶ କ୍ରମେ କୋଲକାତା ଏବଂ ପୁନେରେ 'ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ ଫର୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ' ପ୍ରତିଷ୍ଠା ହେବ ବୋଲି କେନ୍ଦ୍ର କ୍ୟାବିନେଟ୍ ଚଳିତ ନଭେମ୍ବର ମାସରେ ନିଷ୍ପତ୍ତି ନେଇଥିଲେ।

ଜାତୀୟ ବିଜ୍ଞାନ ସଂସ୍ଥା ସଂପର୍କରେ ସେ ଦର୍ଶାଇଛନ୍ତି ଯେ, ୨୦୦୩ ମସିହା ମାର୍ଚ୍ଚ ମାସରେ ବିଜ୍ଞାନ କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପୁନେ, ଭୁବନେଶ୍ୱର,ଆହ୍ଲାବାଦ ଓ ଚେନ୍ନାଇରେ ଚାରିଟି ଉଚ୍ଚସ୍ତରୀୟ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ବିଶ୍ୱ ବିଦ୍ୟାଳୟ ମଞ୍ଜୁରୀ କମିଶନ(ୟୁଜିସି), ଏକ ପ୍ରସ୍ତାବ ଦେଇଥିଲା।

କିନ୍ତୁ ପରବର୍ତ୍ତୀ ସମୟରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ଉକ୍ତ ପ୍ରସ୍ତାବ ଗୃହୀତ ହୋଇ ନ ଥିଲା ବୋଲି ନିଜ ସତ୍ୟପାଠରେ କୁମାର ଦର୍ଶାଇଛନ୍ତି।

ତେବେ ୨୦୦୩ ମାର୍ଚ୍ଚ ମାସରେ ଭୁବନେଶ୍ୱରରେ ଜାତୀୟ ବିଜ୍ଞାନ ସଂସ୍ଥା ପ୍ରତିଷ୍ଠା ହେବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ୟୁଜିସି ଏକ ପତ୍ର ମାଧ୍ୟମରେ ଜଣାଇଥିଲେ ଏବଂ ସେଥିନେଇ ଭୁବନେଶ୍ୱର ଉପକଣ୍ଠରେ ସ୍ଥାନ ନିରୂପଣ ମଧ୍ୟ ହୋଇ ସାରିଥିଲା ବୋଲି ରାଜ୍ୟ ସରକାର ପୂର୍ବରୁ ହାଇକୋର୍ଟକୁ ଜଣାଇଛନ୍ତି।

ଓଡ଼ିଶା ଡଟ୍ କମ୍


## ସପିଙ୍ଗ୍ ଜୋନ୍

**ପରିଧାନ**

ସଲ୍‌ୱାର କାମିଜ୍ - ଶାଢ଼ୀ - ସାରଙ୍ଗ - କୁର୍ତ୍ତା - ଚୋଲି - ଟପ୍ସ୍

**ଘରକରଣା ସାମଗ୍ରୀ**

ଇଲୋକଟ୍ରୋନିକ୍ସ - ଘରକରଣା ସାମଗ୍ରୀ - ରୋଷେଇ ସାମଗ୍ରୀ - ସୁନା ଗହଣା - ଚମଡା ସାମଗ୍ରୀ - ଘଣ୍ଟା

**ଅନ୍ୟାନ୍ୟ**

ଜ୍ୟୋତିଷୀ - ବହି ଏବଂ ସିଡ଼ି -ଭାରତ ଦର୍ଶନ - ବନ୍ଧୁ ଉପହାର ସାମଗ୍ରୀ - ଭାରତକୁ ରାକ୍ଷୀ - ଆମେରିକାକୁ ରାକ୍ଷୀ - ଆମେରିକାକୁ ମିଠା - ଅନ୍ୟାନ୍ୟ ପରିଧାନ - ବ୍ୟାଗ - ୱାଲ ହେଙ୍ଗିଙ୍ଗ୍ - ତାଜା ଫୁଲ - ତାଜା ଫଳ -କେକ୍


Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
Editor in Chief: JATINDRA DASH
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା